# ଶ୍ରୀ ମହାଲକ୍ଷ୍ମୀ ଧାନ ମାଣିକା ବ୍ରତ

ଆଦ୍ୟୌବରୁଣ ପୂଜା । ସ୍ୱସ୍ତିବାଚନ । ସଂକଳ୍ପ ଦେଶ କାଳ ବାକ୍ୟ ଅନନ୍ତରଂ । ମମ ଅତି ସୌଭାଗ୍ୟ ପ୍ରାପ୍ତି ପୂର୍ବକ ଶ୍ରୀମଦନାରାୟଣ ଚରଣାରବିନ୍ଦ ପରିଚର୍ଯ୍ୟା ପ୍ରୀତ୍ୟର୍ଥଂ ଯାବଜ୍ଜୀବନ ପର୍ଯ୍ୟନ୍ତ ଶ୍ରୀ ବୃହସ୍ପତି ବାସର ବ୍ରତ ମହଂ କୁର୍ବିଯ୍‌ । ଆଚାର୍ଯ୍ୟ ବରଣଂ ବସ୍ତ୍ର ଯୁଗ୍ମ କୁଣ୍ଡଳ ମୁଦ୍ରିକାଂ ଦଦ୍ୟାତ । ପଦ୍ମମଣ୍ଡଳେ ଭଦ୍ରପୀଠେ ବସ୍ତ୍ର ମାଛାଦ୍ୟ । ତତଃ ପ୍ରତିମାଂ ପଞ୍ଚାମୃତୈଃ ସ୍ନାପୟେତ । ମୂଳ ମନ୍ତ୍ରେଣ ପଞ୍ଚୋପଚାରୈଃ ପୂଜୟେତ୍ । ନାନା ବିଧାନୈ ବେଦ୍ୟ ।ଫଳ ପୁଷ୍ପାକ୍ଷତ ସମର୍ପଣଂ । ନାରାୟଣଂ ନମଃସ୍କୃତ୍ୟ ନରଂ ଚୈବ ନରୋତ୍ତମଂ । ଦେବୀଂ ସରସ୍ୱତୀ ବ୍ୟାସଂ ତତୋଜୟ ମୁଦୀରୟେତ୍ । ସୁତ ପୌରାଣିକ ଯେ ସେ ନୈମାଷାରଣ୍ୟରେ ସମସ୍ତ ଋଷି ମାନଙ୍କୁ କହୁ ଅଛନ୍ତି । ଶ୍ରୀ ବାସୁଦେବ ଦେବୀଙ୍କୁ ପଚାରିଲେ ଆଗୋ ଦେବୀ ତତେ ଅପ୍ରାଧ ଯେଉଁ ପ୍ରାଣୀ ମାନେ କରନ୍ତି ୟେ ପ୍ରାଣି ମାନେ ଦୁଃଖକୁ ପାନ୍ତି । ଏ ଯେଉଁ ଚରିତ ମତେ କହ । ଏମନ୍ତ ନାରାୟଣ ପଚାରନ୍ତେ ଲକ୍ଷ୍ମୀ ଦେବୀ କହୁ ଅଛନ୍ତି । ଆହେ ଦେବ ମୋଠାରେ ଅପରାଧ ଯେଉଁ ସ୍ତ୍ରୀ ମାନେ ପୁରୁଷ ମାନେ କରନ୍ତି ତାହାଙ୍କର ଲକ୍ଷଣ ଶୁଣ । ସେ ସ୍ତ୍ରୀ ମାନଙ୍କର ସୁଖରେ ମଧ୍ୟ ସୁଖ ନାହିଁ । ଦୁଃଖ ରେ ଦିନ ବଞ୍ଚୁଥାନ୍ତି । ଦୃଷ୍ଟି କଥାରେ ରହୁଥାନ୍ତି । ଆପଣାର ପତିକୁ ନିନ୍ଦା କରନ୍ତି । ସେ ସ୍ତ୍ରୀ ମାନେ ଦରିଦ୍ର ହୁଅନ୍ତି । ପତିରେ ନିରାଶୀ ହୁଅନ୍ତି । ଆହେ ଦେବ ଶୁଣିବା ହେଉ । ଯେଉଁ ସ୍ତ୍ରୀ ମାନେ ପରକୁ ନିନ୍ଦାକରନ୍ତି । ହିଂସା, ଛନ୍ଦ, କପଟ ଏକଥା ମାନଙ୍କୁ କରନ୍ତି । ସେ ସ୍ତ୍ରୀ ମାନେ ମୋର ଅପରାଧ ଅଟନ୍ତି । ଯେଉଁ ସ୍ତ୍ରୀ ମାନେ ନିତ୍ୟ କଳହ କରନ୍ତି । ସ୍ନାନ ନକରି ଭୁଞ୍ଜନ୍ତି । ପାକ ଭାଣ୍ଡରେ ମନ ରଖି ଥାଆନ୍ତି । ଗୃହସ୍ଥ ପଚାରିଲେ କ୍ରୋଧ ରେ କହନ୍ତି । ସେ ସ୍ତ୍ରୀ ମାନେ ଦରିଦ୍ର ହୁଅନ୍ତି । ଅନ୍ନ ନ ମିଳଇ । ମଳିନ ବସ୍ତ୍ର ଯେଉଂମାନେ ପିନ୍ଧନ୍ତି,ଅଣାଚାରରେ ଦିନ ନିଅନ୍ତି ,ସେ ସ୍ତ୍ରୀ ମାନେ ମୋର ଅପରାଧ ହୁଅନ୍ତି । ମୁଁ ତାଙ୍କୁ ନାନାଦି ପ୍ରକାରେ ଦୁଃଖ ଦିଅଇ । ଆହେ ଦେବ ଯେଉଁ ସ୍ତ୍ରୀ ମାନେ ଉତ୍ତମ ଆଚରଣ ନ କରନ୍ତି । ଅଳପ କହିଲେ ହସି ଉଠନ୍ତି । ପର ପୁରିଷରେ ମନ ଦିଅନ୍ତି । ପର ସଙ୍ଗେ କଳହ କରନ୍ତି । ଗୃହସ୍ଥ ପଚାରିଲେ କ୍ରୋଧ ହେଉ ଥାଆନ୍ତି । ଏପରି ସ୍ତ୍ରୀମାନେ ମୋ ଅପରାଧି ହୁଅନ୍ତି । ଏମନ୍ତ ଲକ୍ଷ୍ମୀଙ୍କ ଠାରୁ ଶୁଣି ନାରାୟଣ ପଚାର ଅଛନ୍ତି ଆହେ ଦେବ ଶୁଣିବା ହେଉ । କାର୍ତ୍ତିକ ମାସରେ ତୁମ୍ଭର ଯେଉଁ ରୂପରେ ପ୍ରିୟ ସେ ପରି ମୋହର ମାର୍ଗଶିର ମାସ ଆଦ୍ୟ ଗୁରୁବାର ଅତ୍ୟନ୍ତ ପ୍ରିତୀ । ଆହେ ଦେବ ମାର୍ଗଶିର ମାସ ଆଦ୍ୟ ଗୁରୁବାର ଦିନ ଠାରୁ ଯେଉଁ ସ୍ତ୍ରୀ ରାତ୍ରରୁ ଉଠିବ । ହୃଦୟରେ ଚିନ୍ତା କରିବ । ତୁମ୍ଭଙ୍କୁ ସ୍ମରଣ କରିବ । ଗୋମୟରେ ଘରଦ୍ୱାର ଲିପିବ । ଚିତା ଆରୋପଣ କରିବ । ଚିତ୍ର ଯେ ବିଚିତ୍ରରେ ଲେଖିବ । ତହିଂ ଉତ୍ତାରୁ ଶୁଦ୍ଧ ଜଳରେ ସ୍ନାନ କରିବ । ଶୁଚିବନ୍ତ ହେବ । ତହିଂ ଉତ୍ତାରୁ ଶୁକ୍ଳଲୁଗା ପିନ୍ଧିବ । ପାଟ ଉପରାଣ କରିବ । ପୁରେ ଚିତ୍ର କରିବ । ଫୁଲ ଫଳ ମାନଙ୍କରେ ଶୋଭାକରିବ । ଧାନକୁ ଆଦି କରି ଯେତେ ଶସ୍ୟ ତାହା ଭରି କରି ରଖିବ । ପଦ୍ମ ମଣ୍ଡଳ ଲେଖିବ । ତହିଁ ଉପରେ ଏ ମାଣ ମାନଙ୍କୁ ରଖିବ । ରୂପାପିଢା ସୁବର୍ଣ୍ଣର ମହାଲକ୍ଷ୍ମୀ ପ୍ରତିମା ବିଜେ କରାଇବ । ବ୍ରାହ୍ମଣ ଯେ ସେ ଆବାହନ ଗନ୍ଧ ପୁଷ୍ପ ଧୂପ ଦୀପ ନୈବେଦ୍ୟ ବିଚାରିବ । ପାୟସ ପଣାସାକର ମଣ୍ଡା ଖିରିସା ଦଧି ଅନ୍ନ ନଡିଆ ଖୁଆ କଦଳୀ ଏମନ୍ତ ଦ୍ରବ୍ୟ ମାନଙ୍କୁ ପୂଜା କରିବ । ନାନା ପ୍ରକାର ଫଳ ମାନଙ୍କୁ ଆଗରେ ଥୋଇବ । ଦଶ ଗୋଟି ଦୁର୍ବା ଦଶ ଗୋଟି ତଣ୍ଡୁଳ ଚନ୍ଦନ ଯୁକ୍ତ କରି ଦେବ । ସ୍ଥିତ ହୋଇ ଫଳ ସମର୍ପଣ କରିବ । ପୁଷ୍ପାଞ୍ଜଳୀ ଦେବ । ଅତ୍ୟନ୍ତ ଆନନ୍ଦରେ ତୁମ୍ଭ ଆମ୍ଭଙ୍କୁ ହୃଦୟରେ ଧ୍ୟାନ କରିବ । କଥା ଶୁଣିବ । ବ୍ରାହ୍ମଣଙ୍କୁ ଦକ୍ଷିଣା ଦେବ । ଡୋର ସମର୍ପଣ କରିଥିବାର ବାହୁରେ ବାନ୍ଧିବ । ନୈବେଦ୍ୟ ଦ୍ରବ୍ୟ ଆପଣା କୁଟୁମ୍ବଙ୍କୁ ଦେବ । ପରକୁ ନ ଦେବ । ବଳାବନ୍ତ ଅତାପୃର୍ଯ୍ୟନ କରିବ । ବଳାବନ୍ତ ଦ୍ରବ୍ୟ ଉପକରଣ ଦ୍ରବ୍ୟ ଜଳରେ ପକାଇବ । ଏମନ୍ତ ଲକ୍ଷ୍ମୀ କହନ୍ତେ ନାରାୟଣ ପଚାରୁ ଅଛନ୍ତି । ଆଗୋ ଦେବୀ ଏ ବ୍ରତ ପୂର୍ବ କାଳରେ କେଉଁ ଲୋକ କରି ଦୁଃଖରୁ ପାର ହୋଇ ଅଛି ତାହା ମତେ କହିବା ହେଉ । ନାରାୟଣ ପଚାରନ୍ତେ ଲକ୍ଷ୍ମୀ କହୁଛନ୍ତି । ଲକ୍ଷ୍ମୀ ଉବାଚ ଆହେ ଦେବ ଏ ବ୍ରତର ମହିମା କହିବ। ଶୁଣିବା ହେଉ । ପୂର୍ବ କାଳରେ ଏ ବ୍ରତ ଦେବ ସ୍ତ୍ରୀମାନେ କରି ଦେବତାଙ୍କୁବର କରି ପାଇଲେ । ସ୍ୱର୍ଗ ଭୋଗ ହେଲା । ବ୍ରତ କରିବା ଲୋକଙ୍କୁ ମୁଁ ବହୁତ ସୁଖପାଇ । ସେ ମନରେ ବିଚାରିବା କଥା ମୁଁ ତାଙ୍କୁ ଦିଅଇ । ସେ ଲୋକ ମାନେ ଦୁଃଖ ନ ପାନ୍ତି । ଜନ୍ମ ଜନ୍ମାନ୍ତରେ ସୁଖ ପାଆନ୍ତି । ଆହେ ଦେବ । ପୂର୍ବକାଳରେ ଜଣେ ବ୍ରାହ୍ମଣ ଥିଲା । ତାହାର ଭାର୍ଯ୍ୟା ଏ ବ୍ରତ କରୁଥିଲା । ମୁଁ ତାକୁ ବହୁତ ସନ୍ତୋଷରେ ଅର୍ଥ ଦେଇଥିଲି । ଧନ ଧାନ୍ୟରେ ତାକୁ ତୃପ୍ତ କରିଥିଲି । କେତେ କାଳ ଅନ୍ତରେ ସେ ବ୍ରାହ୍ମଣ ବାର୍ଯ୍ୟାକୁ ବୋଇଲଲା । ଆଲୋ ରାଢେଣୀ ମୂଢ଼ ମତିରେ ଏବ୍ରତକିପାଂଇ କରୁଅଛୁ । ଧନଧାନ୍ୟ ପୁତ୍ର ଏ ସମସ୍ତ ଆମ୍ଭରତ ଅଛି । କେଉଁ ଦେବତା ପୂଜା କରି କି କଥା ଶୁଣୁ ଅଛୁ । ଏହା ବୋଲି କ୍ରୋଧ ହୋଇ ସେ ବ୍ରାହ୍ମଣ ତାକୁ ପାଦାପାଚ କଲା । କ୍ରୋଧ ଅନିଷ୍ଟ ଦେଖି ସେ ଘରୁ ମୁଁ ବାହାରି ଗଲି । ଅଷ୍ଟ ବେତାଳଙ୍କୁ ସେଠାକୁ ପେଶିଲି । ଧନଧାନ୍ୟ ସବୁ ବୁହାଇ ନେଲି । ଅଲକ୍ଷଣ ଗୃହ କଲି । ତାହା ଠାରେ ମୋର ଦୟା ନୋହିଲା । ନୋହିବାରୁ ଅନେକ ଦୁଃଖ ପାଇଲା । ଭିକ୍ଷା ମାଗିଲା । ତହିଁରେ ମଧ୍ୟ କେହି ନ ଦେଲେ । ବାତୁଳ ବୋଲି ଘଉଡାନ୍ତି। ବଧିର ପ୍ରାୟ ଶୁଣୁଥାଇ କାହାରି ଆହ୍ଲାଦ ନ ରହଇ । ଅନେକ ଦୁଃଖ ପାଇଲା । ବ୍ୟାକୁଳ ହୋଇ କୁଟୁମ୍ବ ଛାଡି

ପଳାଇଲା । କେତେ କାଳ ଅନ୍ତେ ଯାଇ ଗଙ୍ଗା କୂଳରେ ରହିଲା । ତୀର୍ଥ ଦର୍ଶନରୁ କେତେ ଦିନ ବଞ୍ଚିଲା । ପୁନରପି କେତେ ଦିନ ଉତ୍ତାରୁ ମାର୍ଗଶୀର ମାସ ଗୁରୁବାର ହେଲା । ସେଦିନ ସ୍ୱର୍ଗରୁ ଦେବସ୍ତ୍ରୀ ମାନେ  ଆସି ଗଙ୍ଗାରେ ସ୍ନାନ କଲେ । ସୁଝିନ ବସନ ପିନ୍ଧିଲେ । ଆନନ୍ଦ ହୋଇ ଯିବାକୁ ବିଚାରିଲେ । ଏମନ୍ତ ସମୟରେ ସେ ସ୍ତ୍ରୀ ମାନଙ୍କୁ ବ୍ରାହ୍ମଣ ପଚାରିଲେ । କି ପାଇଁ ଆଜ ତୁମ୍ଭେ ମାନେ ହରସ ହୋଇ ଅଛ । ସେମାନେ କହିଲେ ଆଜି ଆମ୍ଭର ମାର୍ଗଶୀର ମାସ ଗୁରୁବାର ବ୍ରତ । ଏ ହେତୁରେ ସ୍ନାନ କରି ଆସିଅଛୁ । ଶ୍ରୀ ବାସୁଦେବଙ୍କ ଘରଣୀ ମହାଲକ୍ଷ୍ମୀ ତାହାଙ୍କ ପୂଜା ପରିଚର୍ଯ୍ୟାରେ ଆଜ ରହିବୁ । ଏହାଶୁଣି ସେ ବ୍ରାହ୍ମଣ ପଚାରିଲେ ଆଗୋ ଦେବୀମାନେ ତୁମ୍ଭେ ସେ ବ୍ରତର ବିଧାନ ଫଳ କହ । ମୁଁ ଦରିଦ୍ର ହୋଇଅଛି । ତୁମ୍ଭେ କହି ତୁମ୍ଭ ଆଶ୍ରମକୁ ଚଳ । ସେ ବ୍ରତ ପ୍ରାପ୍ତ ହେବା ପରି ସୁ ହୃଦରେ କହି ଏପରି ସେ ବ୍ରାହ୍ମଣ କହିବାରୁ ଦେବ ସ୍ତ୍ରୀ ମାନେ କହୁ ଅଛନ୍ତି । ଆଜ ମାର୍ଗଶୀର ମାସ  ଗୁରୁବାର ହୋଇଅଛି ।  ତୁମ୍ଭେ ସିନ୍ଧୁ ନନ୍ଦିନୀ ଯେ ଅନ୍ନପୂର୍ଣ୍ଣା ତାହାଙ୍କୁ ପଦ୍ମ ମଣ୍ଡଳରେ ସ୍ଥାପିବ । ଯେତେ ଦ୍ରବ୍ୟ ଘଟିବ ତାହା ଆନନ୍ଦରେ ଆଣିବ । ସାମର୍ଥ ଅନୁକ୍ରମରେ ସମର୍ପଣ କରିବ । କାର୍ପୁଣ୍ୟ ହୋଇ ଦେବୀ ମତେ ଅନୁଗ୍ରହ କର ବୋଲି ପ୍ରାର୍ଥନା କରିବ । ମୋହର ସତ ଅପରାଧ କ୍ଷମା କର ଏମନ୍ତ ସ୍ତୁତି କରି ଜଣା କରିବ । ଉଆ ଅନ୍ନ ପାକ ଶୁଦ୍ଧ କରି ପୂଜା କରିବ । ସେ ଦ୍ରବ୍ୟ ମାନଙ୍କୁ ପରକୁ ନଦେବ । ଆପଣା କୁଟୁମ୍ବକୁ ଦେବ । ସେ ଖାଇବେ । ଏ ବ୍ରତର ନାମ ଧାନ ମାଣିକା । ଏ ବ୍ରତ ଯେଉଁ ପୁରୁଷମାନେ ଓ ସ୍ତ୍ରୀମାନେ କରନ୍ତି ସେ ଅତ୍ୟନ୍ତ ସୁଖ ପାନ୍ତି । ପ୍ରାଣାନ୍ତରେ ବୈକୁଣ୍ଠ ପ୍ରାପ୍ତ ହୁଅନ୍ତି । ଦେବତା ମାନଙ୍କ ସଙ୍ଗରେ ସ୍ୱର୍ଗରେ ବସନ୍ତି । ଏ ବ୍ରତ ବର୍ଷକୁ ବର୍ଷ କରୁଥିବ । କେଉଁ କାଳରେ ଅନାଦର ନକରିବ । ଏହା କହି ଦେବ ସ୍ତ୍ରୀମାନେ ସ୍ୱର୍ଗକୁ ଗଲେ । ବ୍ରାହ୍ମଣ ଏହା ଶୁଣି ସନ୍ତୋଷ ହେଲେ । ସେ କହିବା ପ୍ରମାଣେ ବ୍ରତକୁ କଲେ । ମୋ ଠାରେ ଚିତ୍ତ ଦେଲା । ମୁ ତାକୁ ସନ୍ତୋଷ ହେଲି । ଅର୍ଥ ସମ୍ପଦ ତାକୁ ଦେଲି । ଆପଣା ରାଜ୍ୟକୁ ଗଲା । କୁଟୁମ୍ବ ଦେଖି ଦୁଃଖ ପାଶୋରିଲା । ତାକୁ ଦେଖି କୁଟୁମ୍ବମାନେ ସୁଖି ହେଲେ । ଏ ବ୍ରତକୁ କୌଣସି କାଳେ ନଛାଡିଲା । ଏମନ୍ତ ପ୍ରସଙ୍ଗ ଲକ୍ଷ୍ମୀ ଦେବୀ ନାରାୟଣଙ୍କ ଛାମୁରେ କହିଲେ । ଆହେ ମନୁଷ୍ୟ ମାନେ ଏ ବ୍ରତ ଗୃହି ମାନଙ୍କର ଶ୍ରେଷ୍ଠ । ଯେଉଁ ସ୍ତ୍ରୀମାନେ ଏ ବ୍ରତ କରନ୍ତି ଧନ ଜନ ବୃଦ୍ଧି ହୁଏ । ଏ ବ୍ରତର ନିଷେଧ କଥା କହିବା । ଅନ୍ନ ନ ଖାଇବ । ପର ଶଯ୍ୟାରେ ନ ଶୋଇବ । ହିଂସା ନ କରିବ । ଆମିଷ ନ ସାରିବ । ତୈଳ ନ ଘେନିବ । ମିଥ୍ୟା ନ କହିବ । ଖେଳ ନ ଖେଳିବ । ହୁଡ ନ ମାରିବ । ରାତ୍ର ନ ସାରିବ । ଏ ବ୍ରତ ବିଧାନ ଯେଉଁମାନେ ପଢନ୍ତି ଯେଉଁମାନେ ଶୁଣନ୍ତି ସେ ସମସ୍ତ ପାପରୁ ମୁକ୍ତ ହୁଅନ୍ତି । ଦରିଦ୍ର ନୁହନ୍ତି । ଏ ବ୍ରତର ଉପକରଣ ଜଳରେ ପକାଇବ । ଆଚାର୍ଯ୍ୟ ବ୍ରାହ୍ମଣଙ୍କୁ ଦକ୍ଷିଣା ଦେବ । ହୁଳହୁଳି ଦେବ । ଅତ୍ୟନ୍ତ ହୃଷ୍ଟରେ ସେ ଦିନ ବଞ୍ଚିବ । ଇତି ଶ୍ରୀ ପଦ୍ମ ପୁରାଣେ ଲକ୍ଷ୍ମୀ ନାରାୟଣ ସମ୍ବାଦେ ଧାନ ମାଣିକା  ବ୍ରତ କଥା **ସମାପ୍ତ** ।

## ଶ୍ରୀ ମହାଲକ୍ଷ୍ମୀ ଧାନ ମାଣିକା ବ୍ରତ(୨)

ଏବଂ ଭୂତ ଯେ ମସ୍ର ଦେଶ । ତହିଂରେ ରାଜା କୃପାକର । ସେ ରାଜା ଦେବତା ବ୍ରାହ୍ମଣରେ ଭକ୍ତି । ତହିଂରେ ଥାଏ ବିଷ୍ଣୁ କର ବ୍ରାହ୍ମଣ । ତାହାର ଭାର୍ଯ୍ୟା ନାମ ଚଞ୍ଚଳା । ତାହାର ପୂର୍ବଜନ୍ମ ଦୋଷରୁ ଦରିଦ୍ର ଅବସ୍ଥା ହେଲା। ଦୁହେଁ ଇତ୍ୟାଦି କଷ୍ଟ ପଡିଲେ ନିଅଣ୍ଟ ହୁଅଇ । ତାହାର ପୁତ୍ର ପାଞ୍ଚ ଗୋଟି । ସେମାନେ କ୍ଷୁଧ୍ରାରେ ବିକଳ ହୋଇ ଅନ୍ନ ମାଗୁଥାଆନ୍ତି । ରୋଦନ କରନ୍ତି । ତାହା ଦେଖି ବିଷ୍ଣୁକର ବହୁତ ଦୁଃଖ କରଇ । ତାହାର ଭାର୍ଯ୍ୟା ଚଞ୍ଚଳା । ସେ ବ୍ରାହ୍ମଣୀ ମନରେ ବହୁ ସନ୍ତୋଷ ଘେନି ସାୟଂକାଳରେ ରୋଦନ କରି ଏକାନ୍ତରେ ବସିଅଛି । ଏମନ୍ତ ସମୟରେ ନାରଦ ମହାମୁନୀ ସେଠାରେ ଯାଇ ପ୍ରବେଶ ହେଲେ । ତାହାକୁ ପଚାରିଲେ ହେ ମହାତ୍ମାଣୀ କାହିଁ ପାଇଁ ରୋଦନ କରୁଅଛ । ଏହା କହ । ସେ ବ୍ରାହ୍ମଣୀ କହିଲେ । ହେ ମୁନିନ୍ଦ୍ର ମୋ ପୂର୍ବ ଜନ୍ମ ଦୋଷରୁ ମୁଁ ବଡ ଦରିଦ୍ର ହେଲି । ଅନ୍ନ ନ ମିଳଇ । ବାଳକ ମାନଙ୍କର ରୋଦନ ଦେଖି ସହି ନ ପାରି ବିକଳ ହେଇଛି । ହେ ମହାମୁନୀ ଆମ୍ଭଙ୍କୁ କୃପାକର । ମୁନି ବିଚାରୀ ଧ୍ୟାନ କଲେ । ଧ୍ୟାନ କରି ଜାଣି ପାରିଲେ । ଏ ପୂର୍ବ ଜନ୍ମରେ ମହାଲକ୍ଷ୍ମୀଙ୍କୁ ଦ୍ରୋହ କରି ଅଛି । ସେ ହେତୁରୁ ଏହାକୁ ଅନ୍ନ ନ ମିଳଇ । ଏହା ଜାଣି ସେ ବ୍ରାହ୍ମଣୀକୁ କହୁ ଅଛନ୍ତି । ଆଗୋ ଚଞ୍ଚଳା ନାମି ବ୍ରାହ୍ମଣୀ ଶ୍ରୀ ମହାଲକ୍ଷ୍ମୀଙ୍କୁ ସେବାକର । ସେ ବ୍ରାହ୍ମଣୀ ବୋଇଲେ ମୁଁ କିପରି ସେବା କରିବି । ଏ ବିଧାନ ମତେ କହ । ନାରଦ କହୁଛନ୍ତି । ମାର୍ଗଶିର ମାସ ଆଦ୍ୟ ଗୁରୁବାର ଦିନ ରାତ୍ର ଥାଉ ଉଠିବୁ ।  ଶ୍ରୀ ଲକ୍ଷ୍ମୀ ନାରାୟଣଙ୍କୁ ସ୍ମରଣା କରିବୁ । ଆସନ ତୋଳି ଦେବୁ । ପରେ ଗୋମୟ ଜଳରେ ଛରା ଦେବୁ । ବସ୍ତ୍ର ପାଲଟିବୁ । ମୁଖ ପଖାଳିବୁ । ଗୃହ ଲେପନ କରିବୁ । ଶ୍ରୀ ଲକ୍ଷ୍ମୀଙ୍କ ପାଇଁ ସିଂହାସନ କରିବୁ । ସେ ସିଂହାସନ ଲେପନ କରିବୁ । ଘରେ ଚିତ୍ର କରିବୁ । ପଦ୍ମ ଗୋଟିଏ ଲେଖିବୁ ।ଗନ୍ଧ ଅଂଳା ଘେନି

ସ୍ନାନ କରି ଆସିବୁ । ଶ୍ରୀ ମହାଲକ୍ଷ୍ମୀଙ୍କୁ ସ୍ମରଣା କରିବୁ । ପ୍ରଥମ ଦ୍ୱାର ଏରଣ୍ଡି ମସ୍ତକରେ ଲଗାଇବୁ । ଘରକୁ ଯିବୁ । ଶ୍ରୀ ମହାଲକ୍ଷ୍ମୀ ବୋଲି ଚୁଲି ଜାଣିବୁ । ସେ ଅଗ୍ନିରେ ଚନ୍ଦନ ସିଝିବୁ । ଅନ୍ନ ବ୍ୟଞ୍ଜନ ପିଷ୍ଟକ ଆଦି ନିର୍ଭା କରିବୁ । ଶିତଳ ଜଳ ପଣା ପରିଡ ପାଚଲା କଦଳୀ ଦଧିଅନ୍ନ କର୍ପୂର ବାସ ଦ୍ରବ୍ୟ ଏ ସର୍ବ ଆଣି ରଖିବୁ । ପୂର୍ଣ୍ଣ କୁମ୍ଭ ସ୍ଥାପନା କରିବ । ତହିଁରେ ଶ୍ରୀଫଳ ଦେବ । ଶ୍ରୀ ମହାଲକ୍ଷ୍ମୀଙ୍କ ପାଇଁ ଧାତ୍ରି କାଠରେ ଆସନ କରିବ । ସିଂହାସନରେ ପଦ୍ମ ଗୋଟିଏ ଲେଖିବ । ଧାତ୍ରି ଅବା ଗୁଆ ଅବା ଗୋଟିଏ ବସାଇବ । ପୂର୍ଣ୍ଣକୁମ୍ଭ ଉପରେ ଚନ୍ଦ୍ରାତପ ଖଞ୍ଜିବ । ଫୁଲ ଦୁବ ଅକ୍ଷତ୍ର ଚନ୍ଦନ ଧୂପ ଦୀପ ଏହା ସଞ୍ଚିତ କରି ଥୋଇବ । ଶୁକ୍ଳ ଧାନ ମାଣେ ପଦ୍ମ ଉପରେ ରଖି ଶ୍ରୀ ମହାଲକ୍ଷ୍ମୀ ବିଜେ କରୁଇବ । ଶ୍ରୀ ବୋଲି ଆସନ ଦେବ । ଶ୍ରୀ ମହାଲକ୍ଷ୍ମୀ ବୋଲିପାଦାସନଦେବ ପଦ୍ମାଳୟା ବୋଲି ଅର୍ଘ୍ୟ ଦେବ, ଶ୍ରୀ ମହାଲକ୍ଷ୍ମୀ ଗନ୍ଧ ଦେବ ଅନ୍ନପୂର୍ଣ୍ଣା ବୋଲି ପୁଷ୍ପ ଦେବ । ଶ୍ରୀହରି ପ୍ରିୟା ବୋଲି ସୁବର୍ଣ୍ଣ ଅଳଙ୍କାର ଦେବ । ଲୋକ ମାତା ବୋଲି କୋଳରେ ଗୁଆ ଗୋଟିଏ ଦେବ । ଶ୍ରୀ ଅନ୍ନପୂର୍ଣ୍ଣା ବୋଲି ନିବେଦ୍ୟ କରିବ । ଆଚମନ କ୍ରମୁକ ତାମ୍ବୂଳ ଏହାଦେବ । ଆଲଟ ଘେନି ବିଞ୍ଚିବ । ଦଣ୍ଡେ ଭତାରୁ ଶ୍ରୀୟା ବୋଲି ତାଳି ତିନିଥର ମାରିବ । ସଚେତ କରାଇବ । ଯେଉଁ ଶିତଳ ଜଳଥିବ ନୈବେଦ୍ୟ କରିବ । ଏଥି ଉତ୍ତାରୁ ପୁଷ୍ପାଞ୍ଜଳି ଦେବ । ପ୍ରାର୍ଥନା କରିବ । ଭୋ ମହାଲକ୍ଷ୍ମୀ ନାରାୟଣଙ୍କ ପାକ ସଂପାଦିବା ହେଉ ଏମନ୍ତ ବୋଲି କୁସୁମ ଦୂର୍ବାଧାତ୍ରି ତିନି ଅଞ୍ଜଳି ଦେବ । ବିସର୍ଜନ ନିମନ୍ତେ ଏ ଉତ୍ତରୁ ତିନି ଅଞ୍ଜଳି କୁସୁମ ଦେବ । ଆଗୋ ଚଞ୍ଚଳା ନାମ୍ନି କାନ୍ୟ । ଏ ବ୍ରତ ପୂର୍ବକାଳରେ କୁନ୍ତୀ କରି ଥିଲେ । ଯୁଧିଷ୍ଠିର ସୁଖେ ରାଜ୍ୟ ପାଇଲେ । ତାହାଙ୍କ କଷ୍ଟ ଦୂର ହେଲା । ଏହା କହି ନାରଦ ଅନ୍ତର୍ଦ୍ଧାନ ହେଲେ । ଏହା ଶୁଣି ଚଞ୍ଚଳା ବ୍ରତ କଲା ହାତରେ ବ୍ରତ ବାନ୍ଧିଲା,ମଥାରେ ଆଠ ଗୋଟି ଦୂର୍ବା ଆଠ ଗୋଟି ତଣ୍ଡୁଳ ଘେନିଲା । ଯେତେ ଉପକରଣ ଆପଣା ପୁତ୍ର ଗୁରସ୍ଥଙ୍କୁ ଦେଲା । ଲକ୍ଷ୍ମୀଙ୍କୁ ସ୍ମରଣା କରି ବର ମାଗିଲା । ହବିଷ୍ୟାନ କଲା । ସେ ଦିନଠାରୁ  ମହାଲକ୍ଷ୍ମୀ ସୁଦ୍ରୟା କଲେ । ଅଚଳା ଚଳ ସମ୍ପତ୍ତି ହେଲା । ମହା ସୁଖୀ ହୋଇ ରହିଲା । ସେ ଦିନରୁ ଜ୍ଞାନ ବନ୍ତ ସ୍ତ୍ରୀମାନେ ମହାଲକ୍ଷ୍ମୀଙ୍କୁ ସେବାକଲେ । ଧନ ଜନ ସର୍ବ ସଂପଦ ପାଇଲେ । ଏ ବ୍ରତ କଥା ଗୁରୁବାର ମାନଙ୍କରେ ଲକ୍ଷ୍ମୀଙ୍କୁ ସ୍ମରଣା କରି ଶୁଣି ଶୁଣାଇଲେ । ଲକ୍ଷ୍ମୀ ଆଲିଙ୍ଗନ ହୁଅନ୍ତି ।

ଇତି ଶ୍ରୀ ପଦ୍ମ ପୁରାଣେ ନାରଦ କୃତ୍ୟେ ଶ୍ରୀ ମହାଲକ୍ଷ୍ମୀ ଧାନ ମାଣିକା ବ୍ରତ କଥା ସମାପ୍ତଃ । ॥୦॥

Published by: www.odiapuja.tripod.com